| CLASS NOTES | |
|---|---|
| CLASS-7 | TOPIC: କରିଦିଅ ମୋତେ ସାଇଁ |
| SUBJECT: ODIA | ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ |

Write the question answer in your Odia literature copy.

ପ୍ରଶ୍ନ:୧ (କ) କବି ଝଙ୍କାଳିଆ ବର ଗଛ ନ ହୋଇ କେଉଁ ଗଛ ହେବାକୁ ଚାହୁଁଛନ୍ତି ଓ କାହିଁକି?

ଉତ୍ତର: କବି ଝଙ୍କାଳିଆ ବର ଗଛ ନ ହୋଇ ତୁଳସୀ ଗଛ ହେବାକୁ ଚାହୁଁଛନ୍ତି କାରଣ ସେ ମାଟି ଚଉରାରେ ରହି ଦାଣ୍ଡ ଅଗଣାରେ ଶୋଭା ପାଉଥିବେ ଏବଂ ସମସ୍ତଙ୍କ ଠାରୁ ସ୍ନେହ ଆଦର ପାଇ ଠାକୁରଙ୍କ ପାଖରେ ନିତି ଲାଗି ହେଉଥିବେ।

ଖ)ତୁଳସୀ ଗଛ ର ଆଉ କଣ ଉପକାରିତା ରହିଛି?

ଉତ୍ତର: ତୁଳସୀ ମୂଳରେ ଗଙ୍ଗା ଓ ଡାଳରେ ଦେବତା ମାନେ ବାସ କରନ୍ତି ବୋଲି ପୁରାଣରେ ବର୍ଣ୍ଣିତ ଅଛି। ତେଣୁ ଆମ ହିନ୍ଦୁ ଧର୍ମରେ ତୁଳସୀ ଗଛର ସ୍ଥାନ ସ୍ୱତନ୍ତ୍ର। ଏହା ବ୍ୟତୀତ ତୁଳସୀ ଗଛ ଏକ ଔଷଧୀୟ ବୃକ୍ଷ ଭାବରେ ସୁପରିଚିତ। ଥଣ୍ଡା ରୋଗରେ ତୁଳସୀ ପତ୍ର ର ରସକୁ ମହୁ ସାଙ୍ଗରେ ମିଶାଇ ଖାଇଲେ ଉପଶମ ମିଳିଥାଏ। ତେଣୁ ତୁଳସୀ ଗଛ ଆମ ମନରେ ପବିତ୍ର ଭାବନା ସୃଷ୍ଟି କରିବା ସହିତ ରୋଗ ନିରାକରଣ ମଧ୍ୟ କରିଥାଏ।

ଗ) କବି କାହିଁକି ମହୁମାଛି ଟିଏ ହେବାକୁ ଚାହିଁଛନ୍ତି

ଉତ୍ତର: କବି ବିଶାଳ କାୟ ହାତୀଟିଏ ନ ହୋଇ ମହୁମାଛି ଟିଏ ହେବାକୁ ଚାହୁଁଛନ୍ତି କାରଣ ଅତି କ୍ଷୁଦ୍ର ହେଲେ ମଧ୍ୟ ଲୋକମାନଙ୍କର ହିତରେ ସେ ଲାଗି ପାରିବେ। ଗୁଣୁ ଗୁଣୁ ହୋଇ ଗୀତ ଗାଇ ଫୁଲ ପାଖକୁ ଯାଇ ତା ଠାରୁ ମହୁ ଆହରଣ କରୁଥିବେ ଏବଂ ସେହି ମହୁକୁ ନିଜ ଫେଣାରେ ସାଇତି ରଖି ପରର ହିତ ଲାଗି ବାଣ୍ଟି ଦେବେ।

ଘ)ମହୁମାଛିଟିଏ ଆମର କି ଉପକାର କରେ?

ଉତ୍ତର: ମହୁ ମାଛିଟିଏ ଏ ଫୁଲରୁ ସେ ଫୁଲକୁ ଉଡ଼ି ମହୁ ସଂଗ୍ରହ କରେ ଓ ତାକୁ ଆମମାନଙ୍କର ମଙ୍ଗଳ ପାଇଁ ନିଜ ଫେଣାରେ ସାଇତି ରଖେ।

ଉଁ)ପଳାଶ ଫୁଲ ଓ ଗଙ୍ଗଶିଉଳି ଫୁଲ ମଧ୍ୟରେ କଣ ପାର୍ଥକ୍ୟ ରହିଛି?

ଉତ୍ତର: ପଳାଶ ଫୁଲ ବଡ଼ ଏବଂ ମନୋହର। ଏହା ବାସ ହୀନ କିନ୍ତୁ କିଛି ଦିନ ପାଇଁ ବୃନ୍ତରେ ରହେ। ଗଙ୍ଗଶିଉଳି ଫୁଲ ଛୋଟ ଓ ବାସ ଯୁକ୍ତ। ଏହା କିନ୍ତୁ ସଞ୍ଜରେ ଫୁଟି ସକାଳକୁ ଝଡିଯାଏ।

ଚ)କବି ସମୁଦ୍ର ନ ହୋଇ ଝରଣାଟିଏ ହେବାକୁ କାହିଁକି ପସନ୍ଦ କରିଛନ୍ତି?

ଉତ୍ତର: ସମୁଦ୍ର ଆକାରରେ ବିଶାଳ ହେଲେ ମଧ୍ୟ ଏହାର ପାଣି ଲୁଣିଆ। ଏହି ଜଳ ପିଇବା ପାଇଁ ଯୋଗ୍ୟ ନୁହେଁ। ତେଣୁ କବି ସମୁଦ୍ର ନ ହୋଇ ଝରଣାଟିଏ ହୋଇ ମଧୁର ଶୀତଳ ପିଇବା ଯୋଗ୍ୟ ଜଳରେ ଜନ ମନକୁ ତୋଷ କରିବାକୁ ପସନ୍ଦ କରିଛନ୍ତି।

ପ୍ରଶ୍ନ:୨. ଏହି କବିତା ରେ କବି କ'ଣ କ'ଣ ହେବାକୁ ଚାହିଁଛନ୍ତି ଲେଖ।

ଉତ୍ତର: ଏହି କବିତାରେ କବି ମାଟି ଦୀପଟିଏ, ତୁଳସୀ ଗଛ, ଝରଣାଟିଏ, ଗଙ୍ଗଶିଉଳି ଫୁଲ ଓ ମହୁମାଛି ଟିଏ ହେବାକୁ ଚାହିଁଛନ୍ତି।

## ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ

ପ୍ରଶ୍ନ:୧)ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ କାହାକୁ କହନ୍ତି ଲେଖ?

ଉତ୍ତର::ଯେଉଁ ଶବ୍ଦ ଦ୍ୱୟ ଉଚ୍ଚାରଣ ଦୃଷ୍ଟିରୁ ସମାନ; ଅଥଚ ଭିନ୍ନାର୍ଥବୋଧକ, ସେହି ଶବ୍ଦ ଦ୍ୱୟକୁ ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ କୁହାଯାଏ।

ପ୍ରଶ୍ନ:୨: ନିମ୍ନ ଲିଖିତ ଭିନ୍ନାର୍ଥବୋଧକ ଶବ୍ଦ ଗୁଡ଼ିକର ଅର୍ଥ ଲେଖ।

କୁଳ* ବଂଶ

କୂଳ* ନଦୀ କୂଳ

ଚିର * ଚିରକାଳ

ଚୀର* ଚିରା କନା

ଦିନ* ଦିବସ

ଦୀନ* ଦରିଦ୍ର

ଅନ୍ନ* ଭାତ

ଅର୍ଣ୍ଣ* ଜଳ

ସାପ* ସର୍ପ

ଶାପ* ଅଭିଶାପ

ଅଂଶ* ଭାଗ

ଅଂସ*: କାନ୍ଧ

ତରଣି* ସୂର୍ଯ୍ୟ

ତରଣୀ* ନୌକା

ଅନଳ* ଅଗ୍ନି

ଅନିଳ* ପବନ

ସୂତା* ଡୋର

ସୁତା* ଝିଅ

Content prepared at home.